# ଆଦିବାସୀ ମେଳାର ଦ୍ୱାଦଶ ସଂଧ୍ୟା

# ଜେଲ୍‌ରେ ପ୍ରସ୍ତୁତ ସାମଗ୍ରୀ କିଣିବାକୁ ଦର୍ଶକଙ୍କ ଆଗ୍ରହ

ଓଡ଼ିଶାରେ ବିଭିନ୍ନ ଜେଲ୍‌ରେ କାରାଦଣ୍ଡ ଭୋଗୁଥିବା କଏଦୀମାନେ ଯେ, କିପରି ଖୁବ୍ ଉତ୍କୃଷ୍ଟ ଧରଣର ହସ୍ତଶିଳ୍ପ ସାମଗ୍ରୀ ପ୍ରସ୍ତୁତ କରିପାରନ୍ତି, ତାହାର ଜ୍ୱଳନ୍ତ ନିଦର୍ଶନ ଦେଖିବାକୁ ମିଳିଛି ରାଜଧାନୀର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଆଦିବାସୀ ମେଳାରେ । ଏହି ମେଳା ପରିସରରେ 'ଓଡ଼ିଶା ରାଜ୍ୟ ଜେଲ୍ ହସ୍ତଶିଳ୍ପ' ଶୀର୍ଷକ ଏକ ମଣ୍ଡପ ରହିଛି, ଯେଉଁଠି ପ୍ରଦର୍ଶିତ ହେଉଛି ବହୁ ଉନ୍ନତ ତଥା ଆକର୍ଷଣୀୟ ହସ୍ତଶିଳ୍ପ ସାମଗ୍ରୀ । ସଂଜ ନଇଁ ଆସିବା କ୍ଷଣି ଏହି ମଣ୍ଡପରେ ଜମି ଉଠୁଛି ଦର୍ଶକଙ୍କ ପ୍ରବଳ ଗହଳି । ରାଜ୍ୟର ସମସ୍ତ ଜିଲ୍ଲା ଓ ସର୍କଲ୍ ଜେଲରେ ବର୍ଷ ବର୍ଷ ଧରି ବନ୍ଦୀ ଜୀବନ ବିତାଉଥିବା କଏଦୀମାନେ ନିଜ ନିଜର ଶ୍ରମଦାନ କରି ପ୍ରସ୍ତୁତ କରିଥାନ୍ତି ଏହି ସବୁ ହସ୍ତଶିଳ୍ପ ସାମଗ୍ରୀ । ଏଥର ମେଳାରେ ପ୍ରାୟ ସମସ୍ତ ଜେଲ୍‌ରୁ ଆସିଥିବା ସାମଗ୍ରୀ ପ୍ରଦର୍ଶିତ ହେଉଛି । ତେବେ ସେଥି ମଧ୍ୟରୁ କେନ୍ଦୁଝର ଜେଲ୍‌ରେ ପ୍ରସ୍ତୁତ ସାମଗ୍ରୀ, ଜାମୁଝରୀ ମୁକ୍ତାକାଶ ଜେଲ୍‌ର ଗାମୁଛା, ଢ଼େଙ୍କାନାଳ ଓ ଚୌଦ୍ୱାର ଜେଲ୍‌ର ଗାମୁଛା ଦର୍ଶକମାନଙ୍କ ଦ୍ୱାରା ଅଧିକ ଆଦୃତ ହେଉଛି । ସେହିପରି ଢ଼େଙ୍କାନାଳ ଓ ଜାମୁଝରୀ ଜେଲ୍‌ର ଅନ୍ୟ କେତେକ ସାମଗ୍ରୀ ପ୍ରତି ମଧ୍ୟ ଦର୍ଶକଙ୍କ ଆଗ୍ରହ ରହୁଛି । ବାରିପଦା ଜେଲ୍‌ରେ ପ୍ରସ୍ତୁତ ସବାଇ ପାଁ ପୋଛ ଓ ସୋଫା କିଣିବାକୁ ଦର୍ଶକଙ୍କ ପ୍ରବଳ ଆଗ୍ରହ ପରିଲକ୍ଷିତ ହେଉଛି । ଚୌଦ୍ୱାର ଜେଲ୍‌ର ବନ୍ଦୀମାନଙ୍କ ଦ୍ୱାରା ପସ୍ତୁତ ସାମଗ୍ରୀ ଯଥା- ଘଣା ସୋରିଷ ତେଲର ଚାହିଦା ମଧ୍ୟ କିଛି କମ୍ ନୁହେଁ । ପ୍ରତିବର୍ଷ ଆଦିବାସୀ ମେଳାରେ ଜେଲ୍ କଏଦୀମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ଷ୍ଟଲ ଖୋଲୁଥିଲେ ମଧ୍ୟ ଏଥର ମେଳାରେ ଯେପରି ଆଗ୍ରହ ପରିଲକ୍ଷିତ ହେଉଛି ଏବଂ ଦର୍ଶକଙ୍କ ଭିଡ଼ ଜମୁଛି, ଅତୀତରେ କେବେ ସେପରି ହୋଇ ନ ଥିବା କୁହା ଯାଉଛି । ମେଳାର ପ୍ରଥମ ସପ୍ତାହରେ ହିଁ ଲକ୍ଷାଧିକ ଟଙ୍କାର କାରବାର ହୋଇଥିବାର ଜଣାପଡ଼ିଛି ।

ପ୍ରବଳ ଜନଗହଳି ମଧ୍ୟରେ ଚାଲିଥିବା ଆଦିବାସୀ ମେଳାର ଆଜି ଥିଲା ଦ୍ୱାଦଶ ସଂଧ୍ୟା । ମେଳାର କେନ୍ଦ୍ର ସ୍ଥଳରେ ଥିବା ସୁଦୃଶ୍ୟ ମଂଚ ଉପରେ ଆଦିବାସୀ କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ, ବାଜା ଓ ସଂଗୀତ ବିଶେଷ ଚିତାକର୍ଷକ ହୋଇଥିଲା । ବାରିପଦା କଳାକାରଙ୍କ ଛଉନୃତ୍ୟ ଓ ମାଲକାନଗିରିର କୋୟା ନୃତ୍ୟ ସାଙ୍ଗକୁ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଛାତ୍ରଛାତ୍ରୀଙ୍କ ପାରମ୍ପରିକ ଆଦିବାସୀ ନୃତ୍ୟ ଉପଭୋଗ୍ୟ ହୋଇଥିଲା । ଚାଙ୍ଗୁ ଓ ମାଦଳର ତାଳେ ତାଳେ ହାତ ଧରା ଧରି ହୋଇ କଳାକାରମାନେ ଛନ୍ଦାୟିତ ନୃତ୍ୟ ପରିବେଷଣ କଲାବେଳେ ମେଳା ବୁଲି ଦେଖୁଥିବା ଲୋକଙ୍କ ଦୃଷ୍ଟି ସ୍ୱତଃ ଆକର୍ଷିତ ହେଉଥିଲା ।

***